# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**15 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

– ଲୋକମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ

- ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ ନୂଆ ଫୌଜଦାରୀ ଆଇନ

– ନୂଆ ଆଇନ ସମ୍ପର୍କରେ ସଚେତନତା ଲାଗି ସରକାରୀ ସ୍ତରରେ ଆୟୋଜିତ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ

- ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଁଞ୍ଚିଲା କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଦୁଇ ଓଡ଼ିଆଙ୍କ ମରଶରୀର

ଏବଂ

- କୃଷିଭିତ୍ତିକ ଗଣପର୍ବ ରଜ ପର୍ବର ଦ୍ୱିତୀୟ ଦିନରେ ଆଜି ପାଳିତ ହେଉଛି ରଜ ସଂକ୍ରାନ୍ତି

## ମୁଖ୍ୟମନ୍ତ୍ରୀ-ଆଇନଶୃଙ୍ଖଳା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ପୁଲିସ ଅଧିକାରୀମାନଙ୍କୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପୁଲିସ ଲୋକଙ୍କୁ ଭଲ ପାଇଲେ, ପୁଲିସର ବିଶ୍ୱସନୀୟତା ବଢ଼ିବ। ଏଣୁ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ସେ ପୁଲିସ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକ ପରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟରେ ପୁଲିସର ସ୍ଥିତି ଓ ଆଇନ ଶୃଙ୍ଖଳା ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ।  ଏହା ସହ ଆସନ୍ତା ଜୁଲାଇରୁ

କାର୍ଯ୍ୟକାରୀ ହେବାକୁ ଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ବାବଦରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି ।

***Nabarangpur/Desk***

# ନାଗରିକ ସୁରକ୍ଷା ସଂହିତା

ଦେଶରେ ଆସନ୍ତାମାସ ପହିଲାରୁ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ କାର୍ଯ୍ୟକାରୀ ହେବ । ବ୍ରିଟିଶ ଅମଳରୁ ଚାଲିଆସୁଥିବା ୩ଟି ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି । ଗତବର୍ଷ ଡିସେମ୍ବରରେ ସଂଶୋଧିତ ନୂଆ ଆଇନ ଲାଗୁ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଫଳରେ ଏଣିକି ପୁରୁଣା ଆଇ.ପି.ସି. ଏବଂ ସି.ଆର୍.ପି.ସି. ଧାରା ଲାଗୁ ହେବ ନାହିଁ । ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ନୂଆ ଆଇନରେ ଅପରାଧ ସହ ନ୍ୟାୟ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯିବ । ଏହା ଛଡ଼ା ମାନବାଧିକାର ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଲାଗି ଗୁରୁତ୍ୱ ପ୍ରଦାନ କରାଯିବ । ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଓଡ଼ିଶାରେ ଜୁଲାଇ ୧ ତାରିଖରୁ ନୂଆ ପୋଲିସ୍ ଆଇନ ଲାଗୁ ହେବା ନେଇ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି ।

ନୂଆ ଆଇନରେ କେତେକ ଅପରାଧ କ୍ଷେତ୍ରରେ ଦଣ୍ଡାଦେଶକୁ ପୂର୍ବ ଅପେକ୍ଷା ଅଧିକ କଠୋର କରାଯାଇଛି। ଏହି ନୂଆ ଆଇନ ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀକାନ୍ତ ମିଶ୍ର କହିଛନ୍ତି,

**- V/O –**

***Desk***

## ପଦ୍ମ ପୁରସ୍କାର ଆବେଦନ

୨୦୨୫ ମସିହା ନିମନ୍ତେ ପଦ୍ମ ପୁରସ୍କାର ଲାଗି ମନୋନୟନପତ୍ର ଆହ୍ୱାନ କରାଯାଉଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ୱେବସାଇଟ୍ ମାଧ୍ୟମରେ ଆଗ୍ରହୀ ପ୍ରାର୍ଥୀମାନେ ଆବେଦନ କରିପାରିବେ। padmaawards.gov.in ୱେବସାଇଟ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆବେଦନ କରାଯାଇପାରିବ। ଅନ୍ୟପକ୍ଷରେ ଅଫ୍‌ଲାଇନ୍ ଆବେଦନ କରିବା ପାଇଁ ୱେବସାଇଟ୍‌ରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ମନୋନୟନପତ୍ର ଇ-ମେଲ୍ ମାଧ୍ୟମରେ ପଠାଯାଇପାରିବ। ଅଫ୍‌ଲାଇନ୍ ଜରିଆରେ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଆବେଦନ କରାଯାଇପାରିବ।

***Desk***

# ବାଲ୍ ସାହିତ୍ୟ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷ ପାଇଁ ବାଲ୍ ସାହିତ୍ୟ ପୁରସ୍କାର ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ବାଲସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ରଚିତ ପୁସ୍ତକ 'ଗପକଳିକା' ପାଇଁ ସେ ଏହି ପୁରସ୍କାର ପାଇବେ। ସେହିପରି କଥାକାର ସଞ୍ଜୟ ପଣ୍ଡାଙ୍କୁ 'ହୁ ବାଇୟା' ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଦିଆଯିବ।

***HS***

# କୁଏତ ଅଗ୍ନିକାଣ୍ଡ– ଓଡ଼ିଆ ମୃତଦେହ

କୁଏତ୍ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଦୁଇ ଓଡ଼ିଆଙ୍କ ମରଶରୀର ଆଜି ଓଡିଶାରେ ପହଞ୍ଚିଛି । ସ୍ୱତନ୍ତ୍ର ବିମାନ ଯୋଗେ ମୃତ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କର ମରଶରୀର ପହଁଞ୍ଚିବା ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଏବଂ କ୍ୟାବିନେଟ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶେଷଦର୍ଶନ କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ଓ କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଶେଷ ଦର୍ଶନ କରିଥିଲେ। ଦୁଇ ମୃତକଙ୍କ ମରଶରୀର ସେମାନଙ୍କ ପୈତୃକ ଗ୍ରାମକୁ ପଠାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

***Desk***

## ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଶିବିର

ବରିଷ୍ଠ ନାଗରିକଙ୍କ ପ୍ରତି ସହନଶୀଳ ବ୍ୟବହାର କରିବା ଏବଂ ସେମାନଙ୍କୁ ସମ୍ମାନର ସହ ବଞ୍ଚିବା ଲାଗି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ। ଏକ ପରିସଂଖ୍ୟାନ ଅନୁଯାୟୀ, ଭାରତରେ ପ୍ରତି ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କର ଆର୍ଥିକ ଅଭାବ ରହିଛି। ପ୍ରାୟ ୬୫ ପ୍ରତିଶତ ବୟସ୍କ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନ ଥିବା ଜଣାପଡ଼ିଛି। ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଅଧିକାଂଶ ବୟସ୍କ ଲୋକ ସମ୍ମାନଜନକ ଜୀବନଯାପନ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାଆନ୍ତି। ବିଭିନ୍ନ ସମୟରେ ସେମାନଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ। ହେଲ୍ପ ଏଜ୍ ଇଣ୍ଡିଆ ନାମକ ଏକ ବେସରକାରୀ ସଂଗଠନର ରିପୋର୍ଟ ଅନୁଯାୟୀ, ୩୨ ପ୍ରତିଶତ ବୟସ୍କଙ୍କ ଆୟ ୫୦ ହଜାର ଟଙ୍କାରୁ କମ୍ ଥିବା ବେଳେ ୩୧ ପ୍ରତିଶତ ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟବୀମା ବିଷୟରେ ସଚେତନ ଅଛନ୍ତି। ସେହିପରି ୫୪ ପ୍ରତିଶତ ବୟସ୍କ ୨ରୁ ଅଧିକ ରୋଗରେ ପୀଡ଼ିତ ଥିବା

ଜଣାପଡ଼ିଛି । ଅନ୍ୟପକ୍ଷରେ ୭ ପ୍ରତିଶତ ବୟସ୍କ ଲୋକ ନିର୍ଯାତନାର ଶିକାର ହେଉଥିବା ବେଳେ ୫ ପ୍ରତିଶତ ଏ ସମ୍ପର୍କରେ ବାହାରେ ପ୍ରକାଶ କରନ୍ତି ନାହିଁ । ବିଶେଷ କରି, କମ୍ ଆୟ ସମ୍ପନ୍ନ ବୟସ ଏବଂ ନିରକ୍ଷର ବୟସ୍କ ମାନେ ଅଧିକ ନିର୍ଯାତନାର ଶିକାର ହେଉଥିବା ଜଣାପଡ଼ିଛି ।

ଓଡ଼ିଶାରେ ଗତ ୪ ବର୍ଷ ମଧ୍ୟରେ ବୟସ୍କଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ୪୬୦ଟି ମାମଲା ରୁଜୁ ହୋଇଛି । ସେଥିମଧ୍ୟରୁ ୧୮୦ଟି ମାମଲା ପୁଅ-ବୋହୂ ଓ ଝିଅ ବିରୁଦ୍ଧରେ ରୁଜୁ କରାଯାଇଛି । ସରକାରୀ ସୂଚନା ଅନୁଯାୟୀ, ରାଜ୍ୟର ୧୬ଟି ଜିଲ୍ଲାରେ ବରିଷ୍ଠ ନାଗରିକମାନେ ନିର୍ଯାତନାର ଶିକାର ହୋଇଛନ୍ତି । ସବୁଠାରୁ ଅଧିକ ସଂଖ୍ୟକ ନିର୍ଯାତନା ଗଞ୍ଜାମ ଜିଲ୍ଲାରେ ଘଟିଥିବା ବେଳେ ଦ୍ୱିତୀୟରେ ବରଗଡ଼ ଜିଲ୍ଲା ରହିଛି । ୨୦୨୦ରୁ ୨୦୨୩ ମଧ୍ୟରେ ଗଞ୍ଜାମ ଓ ବ୍ରହ୍ମପୁରରୁ ୨୯୫ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

***Desk***

# ୟୁଜିସି-ନେଟ୍

ଆସନ୍ତା ୧୮ ତାରିଖରେ ହେବାକୁ ଥିବା ୟୁଜିସି-ନେଟ୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ପ୍ରକାଶ ପାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ **nta.ac.in** ୱେବ୍‌ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ । ଏଥିରେ

୨ଟି ସିଟିଂରେ ପରୀକ୍ଷା ହେବ । ପ୍ରଥମ ସିଟିଂ ସକାଳ ୯ଟାରୁ ୧୨ଟା ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ୟୁଜିସି ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ଇପିଏଫ୍‌ଓ ଅର୍ଥରାଶି

କର୍ମଚାରୀ ଭବିଷ୍ୟନିଧି ଖାତାରେ କର୍ମଚାରୀମାନଙ୍କୁ ଏଣିକି  କୋଭିଡ୍ ଅଗ୍ରୀମ ଅର୍ଥରାଶି ମିଳିବ ନାହିଁ। ଇପିଏଫ୍‌ଓ ପକ୍ଷରୁ ଏହି ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ୨୦୨୦ରେ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି କର୍ମଚାରୀ ଭବିଷ୍ୟନିଧି ଖାତାରୁ ମୂଳଜମାର ୭୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଉଠାଣ ଲାଗି ଅନୁମତି ଦିଆଯାଇଥିଲା। ଏବେ କୋଭିଡ୍ ମହାମାରୀ ନ ଥିବାରୁ ଏହି ସୁବିଧାକୁ ବନ୍ଦ କରାଯାଇଛି। ଇପିଏଫ୍‌ଓ ପକ୍ଷରୁ ଏହି ବିଷୟରେ ବିଜ୍ଞପ୍ତି ଜାରି କରାଯାଇଥିବା ଜଣାପଡ଼ିଛି।

***Desk***

## ରଜ

କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବର ଆଜି ଦ୍ୱିତୀୟ ଦିନରେ ରଜ ସଂକ୍ରାନ୍ତିରେ ଗାଁରୁ ସହର ଉତ୍ସବମୁଖର ହୋଇଉଠିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଏହି ପର୍ବ ମୁଖ୍ୟ ତିନିଦିନ ଧରି ପାଳନ ହୋଇଥାଏ । ଗତକାଲି ପହିଲି ରଜ ପାଳନ

କରାଯାଇଥିବା ବେଳେ ଆଜି ରଜ ସଂକ୍ରାନ୍ତି ଏବଂ ଆସନ୍ତାକାଲି ଭୂମି ଦହନ ପାଳନ କରାଯିବ। ଚତୁର୍ଥ ଦିନ ବସୁମତି ସ୍ନାନ ଉତ୍ସବ ପାଳନ କରାଯାଇ ରଜ ପର୍ବ ଶେଷ ହେବ। ଆଜି ରଜ ସଂକ୍ରାନ୍ତି ଉପଲକ୍ଷେ ପୁରୀ ଜିଲ୍ଲା ବ୍ରହ୍ମଗିରିର ମା' ବାଲି ହରଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ମା'ଙ୍କର ସରସ୍ୱତୀ ବେଶ ହେବ ବୋଲି ଜଣାପଡ଼ିଛି।

***Desk***

## ସଂସଦ- ସ୍ୱତନ୍ତ୍ର ଅଧିବେଶନ

ନିର୍ବାଚନ ପରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୨୪ ତାରିଖରେ ଆରମ୍ଭ ହୋଇ ଜୁଲାଇ ୩ରେ ଶେଷ ହେବ। ଏହି ୮ ଦିନିଆ ସ୍ୱତନ୍ତ୍ର ଅଧିବେଶନ କାଳରେ ଜୁନ୍ ୨୬ରେ ବାଚସ୍ପତି ନିର୍ବାଚନ ସହ ନବନିର୍ବାଚିତ ସାଂସଦମାନେ ଶପଥ ଗ୍ରହଣ କରିବେ।

ଅନ୍ୟପକ୍ଷରେ ଆସନ୍ତା ଜୁଲାଇ ୨୨ ତାରିଖରୁ ସଂସଦର ମୌସୁମୀ ଅଧିବେଶନର ଆରମ୍ଭ ହେବ। ସୂଚନା ଅନୁଯାୟୀ, ମୌସୁମୀ ଅଧିବେଶନ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନକାଳରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ଏଥିଲାଗି ଅର୍ଥ ମନ୍ତ୍ରଣାଳୟ ଜୁନ୍ ୧୭ ସୁଦ୍ଧା ବିଭିନ୍ନ ମନ୍ତ୍ରଣାଳୟ ଏବଂ ପକ୍ଷଙ୍କ ସହ ବିଚାରବିମର୍ଶ କରିବେ ବୋଲି ଜଣାପଡ଼ିଛି।

*Desk*

# ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତା

ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଚାଲିଥିବା ଆନ୍ତଃ ଜିଲ୍ଲା ୧ ୯ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାରେ ଯାଜପୁର, ବଲାଙ୍ଗୀର ଓ ଗଜପତି ବିଜୟୀ ହୋଇଛନ୍ତି। ରେଭେନ୍ସା ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଯାଜପୁର, ୭ ୱିକେଟ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି। ସେହିପରି ନିମ୍‌ପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ବଲାଙ୍ଗୀର ୬୩ ରନ୍‌ରେ ମାଲକାନଗିରିକୁ ପରାସ୍ତ କରିଥିବା ବେଳେ ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଗଜପତି ୮ ୱିକେଟ୍‌ରେ ଗଞ୍ଜାମକୁ ପରାସ୍ତ କରିଛି।

ଅନ୍ୟପକ୍ଷରେ କଳାହାଣ୍ଡି କପ୍ ଦୁଇଦିନିଆ ସୁପରଲିଗ୍ ମ୍ୟାଚ୍‌ରେ ଗତକାଲି ପ୍ରଥମ ଦିନରେ ଅବଶିଷ୍ଟ ଓଡ଼ିଶା-ଡି’ ବିଜୟୀ ହୋଇଛି।

*********************************